# ତହସିଲ କାର୍ଯ୍ୟାଳୟ,ନିଆଳୀ

ପତ୍ର ସଂଖ୍ୟା--୧୩୮୭

ତା--୦୮-୦୭-୨୦୨୦

## ଦୀର୍ଘ ମିଆଦୀ ଲିଜ ନିମନ୍ତେ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ନିଆଳୀ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ବଛସାଇଲୋ ଦେବୀ ନଦୀ ବାଲି ) ର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ୨୦୨୦-୨୦୨୧ଆର୍ଥିକ ବର୍ଷଠାରୁ ୨୦୨୪-୨୫ ବର୍ଷ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଗ୍ରହଣ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule -2016 ଅନୁଯାୟୀ FORM- M ପୂରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାପା ରେ Registered/ Speed post ଜରିଆରେ ତହସିଲଦାର ନିଆଳୀଙ୍କ ଠିକଣାରେ କିମ୍ବା ଦରଖାସ୍ତକାରୀ ସିଧାସଳଖ (ଛୁଟି ଦିନ ବ୍ୟତିତ) ତହସିଲରେ ଜଉମୁଦ ଦିଆଯାଇ ରଖାଯାଇଥିବା ଟେଣ୍ଡର ବାକ୍ସରେ ଆସନ୍ତା ୨୮.୦୭.୨୦୨୦ ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ ।ଲଫାପା ଉପରେ ଆବେଦନ କରିଥିବା ସଇରାତ ଉତ୍ସ ର ନାମ ଲେଖାଥିବା ଦରକାର । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ କଟକଙ୍କ ଅଧିକାର ରହିଅଛି ।ତା ୨୯.୦୭.୨୦୨୦ରିଖ ଦିବା ୧୧ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ । ଯଦି କୌଣସି ଉତ୍ସ ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନହୋଇପାରେ ତେବେ ପରବର୍ତ୍ତି ତାରିଖ ଯଥାକ୍ରମେ ତା ୦୫.୦୮.୨୦୨୦ ରିଖ ଏବଂ ତା ୧୩.୦୮.୨୦୨୦ ରିଖ ଦିବା ୧୧ ଘଟିକାରେ ଅନୁଷ୍ଠିତ ହେବ. ପ୍ରତି ନିଲାମ ତାରିଖର ପୂର୍ବ କାର୍ଯ୍ୟ ଦିବସର ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତକାରୀ ଜଉମୁଦ ଲଫାପା ରେ Registered/ Speed post /ଟେଣ୍ଡର ବକ୍ସ ଜରିଆରେ ଦରଖାସ୍ତ ପକାଇ ପାରିବେ ।

**ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖାଦାନର ବିବରଣୀ ସଇରାତ ଉତ୍ସର ବିସ୍ତାରିତ ବିବରଣୀ:**

| କ୍ରମିକ ନଂ | ମୌଜାର ନାମ | ସଇରାତ ଉତ୍ସ ର ନାମ ଓ କେଶ ନଂ | ଖାତା ନଂ | ପ୍ଲଟ ନଂ | ରକବା ଏକର | କିସମ | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲିଟି ମୂଲ୍ୟ (Per Cum) | ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) | ସର୍ବନିମ୍ନ ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ | ଅଗ୍ରୀମ ଦାଖଲ କରିବାକୁ ଥିବା ଅମାନତ ରାଶି (Earnest Money in Rs) draft ଆକାରରେ |
|---|---|---|---|---|---|---|---|---|---|---|---|
| 1 | ବଛସାଇଲୋ | ଦେବୀ ନଦୀ ବାଲି ୧/୨୦-୨୧ | ୪୩୬ | ୧୬୫୯/ ୨୩୬୬ | ୧୩.୦୦ | ନଦୀ | ବାଲି | ଟ.୩୫.୦୦ | ଟ.୫.୦୦ | ୧୭୩୭୫ Cum | ୫୦୦୦୦/- |

ତହସିଲଦାର, ନିଆଳୀ

<u>ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ</u>

1. ଦରଖାସ୍ତ ପାଉଣା ବାବଦ ଟ 1,000.00( ଏକ ହଜାରେ ଟଙ୍କା)ର ଟ୍ରେଜେରୀ ଚାଲାଣ (ଫେରସ୍ତ ଦିଆଯିବ ନାହିଁ )। (Head Of Account-0853- Non-Ferrous Mining and Metallurgical Industries-102 Mineral Concession Fees, Rents and royalties).
2. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ ବିବରଣୀ ଓ ନକ୍ସା ।
3. ସଇରାତ ଉସ୍ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।
4. ଆବେଦନକାରୀ ରୟାଲଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡା 5% ହାରରେ ସ୍ଥିରିକୃତ ହୋଇଥିବା ବାଲିର ପରିମାଣ ଉପରେ ଦେୟ ଅମାନତରାଶି (Earnest Money) ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଦରଖାସ୍ତ ସହ ସଲଗ୍ନ କରିବେ ନଚେତ ଦରଖାସ୍ତଟିକୁ ବିଚାର କରାଯିବ ନାହିଁ ।
5. ଦରଖାସ୍ତକାରୀ 18 ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରିକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁଯାୟୀ ଉପରୋକ୍ତ ରୟାଲିଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ ଠାରୁ କମ ହୋଇନଥିବ ।( Minimum guaranteed quantity * offered additional charges+ Royalty ) ।ଏଥି ସହିତ ସ୍ଥାବର ସମ୍ପତ୍ତିର ବିବରଣୀ ଓ ଆୟକର ରିଟର୍ଣ୍ଣ ପ୍ରଦାନ କରିବେ ।

6. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା , କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି । ସଇରାତ ଉସ୍ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ ବିବରଣୀ (www.cuttack.nic.in) ରେ ଉପଲବ୍ଧ ହେବ ।

17/3/20

ତହସିଲଦାର, ନିଆଳୀ

# ସର୍ତ୍ତାବଳୀ

1. ଆବେଦନକାରୀ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-2016 (OMMC Rule- 2016) ର ପରିସର ଭୁକ୍ତ ରହିବେ। ତେଣୁ ଲିଜ ଆବେଦନ ପୂର୍ବରୁ OMMC Rule 2016 କୁ ଭଲ ଭାବରେ ପଢି ନିଅନ୍ତୁ।
2. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge)ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନୀଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ। ଯଦି 1ରୁ ଅଧିକ ନୀଲାମଧାରୀ ସମାନ ଅତିରିକ୍ତ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧମ ରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।
3. ମାଇନିଙ୍ଗ ପ୍ଲାନରେ ସ୍ଥିରିକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ କୁ ଗୁଣନ କରି ସମ୍ପୃକ୍ତ ଅର୍ଥ ସହିତ ରୟାଲିଟି (@ Rs 35 ) ପଇଠ କରିବେ । ଏଥି ସହିତ ଜିଲ୍ଲା ମିନେରାଲ୍ ଫାଉଣ୍ଡେସନ(DMF) ଦେୟ ରୟାଲଟୀ ଏବଂ ଅତିରିକ୍ତ ଦେୟର ୧୦ % ହିସାବରେ, Environmental Management Fund @ ୫% ହିସାବରେ, ଧାର୍ଯ୍ୟ Surface Rent, Dead Rent ମଧ୍ୟ ପଇଠ କରିବାକୁ ହେବ । ଉପରୋକ୍ତ ସମ୍ପୂର୍ଣ ରାଶି ପଇଠ ହେଲାପରେ ରେଜିଷ୍ଟ୍ରେଶନ ଆକ୍ଟ -1908 ଓ ଷ୍ଟାମ୍ପ ଆକ୍ଟ -1899 ଅନୁଯାୟୀ ଚୁକ୍ତି ପତ୍ର (Lease Deed) ସମ୍ପାଦନ କରିବେ ଓ ତତ୍ପରତାର ସହ ଖାଦାନ ପରିଚାଳନା କରିବେ ।
4. ଯଦି ସର୍ବୋଚ୍ଚ ଆଡିସନାଲ ଚାର୍ଜ ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନକରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନୀଲାମଧାରୀଙ୍କୁ ସୁଯୋଗ ଦିଆଯିବ ।
5. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଅର୍ଥରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତି କମ ହୋଇଥାଏ, ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ Controlling Authority ଙ୍କ ଅବଗତି କ୍ରମେ ନୂତନ ରୂପେ ନିଲାମ କରାଯିବ ।
6. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁଯାୟୀ ସରକାର ଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା Surface Rent, Dead Rent & Royalty ପଇଠ କରିବେ ।
7. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଆବଶ୍ୟକ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ଦରଖାସ୍ତଟିକୁ ବିଚାରକୁ ନିଆଯିବନହିଁ ।
8. କୃତକାର୍ଯ୍ୟ ହୋଇଥିବା ଲିଜଧାରୀ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବା ପୂର୍ବରୁ ଚୁକ୍ତିପତ୍ରର ସମସ୍ତ ସର୍ତ୍ତାବଳୀ ଅନୁପାଳନ କରିବାପାଇଁ ସିକ୍ୟୁରିଟୀ ଡିପୋଜିଟ ଆକାରରେ ଟ 10,000.00 ପଇଠ କରିବେ ।
9. ନୀଲାମଧାରୀ OMMC Rule- 2016 ର ନିୟମ -33(1-29) ର ସମସ୍ତ ସର୍ତ୍ତାବଳୀ ମାନିବାପାଇଁ ବାଧ୍ୟହେବେ ।
10. ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟର ଉତ୍ତଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ।
11. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜ ଦ୍ରବ୍ୟ କୁ କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ବିନାଅନୁମତି ରେ ରାଜ୍ୟ ବାହାରକୁ ଚାଲାଣ କରିପାରେବେ ନାହିଁ ।
12. ନିଲାମଧାରୀ ଜମା ରୟାଲିଟି 2% ଆୟକର ବବାଦକୁ Lease Deed ସମ୍ପାଦନ କରିବା ପୂର୍ବରୁ ଟ୍ରେଜେରୀ ଚାଲାଣ ଆକାରରେ ଜମା କରିବେ ।
13. ଲିଜଧାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଙ୍କ ପାଖରୁ Consent to Establish & Consent to operate ନିଜ ଖର୍ଚ୍ଚ ରେ ଲିଜ ଅଗ୍ରିମେଣ୍ଟ ପୂର୍ବରୁ ଦାଖଲ କରିବେ ।
14. ଲିଜରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ ଉସ୍ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କ ରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ | ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ |